**ପ୍ରତ୍ୟୂଷ ଖଣ୍ଡପଡ଼ା ବ୍ଲକ୍ ଟପ୍ପର**

ଖଣ୍ଡପଡା,(ସ୍ୱ.ପ୍ର.)-ଖଣ୍ଡପଡା ବ୍ଲକ୍ ଅଧୀନ ରାଣୀପଡା ପଞ୍ଚାୟତ ବିରିଡିହି ଗ୍ରାମର ପ୍ରଦୀପ କୁମାର ନାୟକଙ୍କ ପୁଅ ପ୍ରତ୍ୟୂଷ କୁମାର ନାୟକ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଖଣ୍ଡପଡା ବ୍ଲକ୍ସ୍ତରରେ ପ୍ରଥମ ଓ ନୟାଗଡ ଜିଲାରେ ୨ୟ ହୋଇଛନ୍ତି । ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ରୁପେ ଜଣାଶୁଣା ପ୍ରତ୍ୟୂଷ ନୟାଗଡ଼ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ଛାତ୍ର ।

## ସଂକ୍ଷେପରେ

### ଚୋରି ଘଟଣାରେ ୨ ଗିରଫ

ଖଣ୍ଡପଡା,୨।୩(ସ୍ୱ.ପ୍ର.)-ଚୋରି ଓ ରାହାଜାନୀ ଘଟଣାରେ ଖଣ୍ଡପଡା ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଖଣ୍ଡପଡା ଥାନା ଅଧୀନ ବେଣାଗାଡିଆ ପଞ୍ଚାୟତ ଗୋପୀନାଥପୁର ଗ୍ରାମର ସନ୍ତୋଷ କୁମାର ସାମଲ ଓ ସିଧାମୂଳା ଗ୍ରାମର ସୁଶାନ୍ତ କୁମାର ପ୍ରଧାନ । ଅଭିଯୁକ୍ତଦ୍ୱୟ ମୋବାଇଲ ଟାୱାରରୁ ବ୍ୟାଟେରୀ ଚୋରି ସହିତ ରାହାଜାନୀ, ଲୁଟତରାଜ କରୁଥିଲେ ।

### ୮ ଟ୍ରାକ୍ଟର, ଗୋଟିଏ କମ୍ପ୍ରେସର ଜବତ

ଧର୍ମଶାଳା/ ଚଢ଼େଇଧରା,୨।୩ (ଡି.ଏନ୍.ଏ.): ଧର୍ମଶାଳା ତହସିଲ ଅଧୀନ ବାଘୁଆ କଳାପଥର ଖାଦାନରେ ମଙ୍ଗଳବାର ତହସିଲ ପ୍ରଶାସନ ଓ ଜେନାପୁର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୮ ଟ୍ରାକ୍ଟର ଏବଂ ଗୋଟିଏ କମ୍ପ୍ରେସର ଜବତ କରାଯାଇଛି। ବେଆଇନ କଳାପଥର ଉତ୍ତୋଳନ ଚାଲିଥିବା ଖବର ପାଇ ଭୋର ୫ଟାରେ ତହସିଲଦାର ପ୍ରଶାନ୍ତ କୁମାର ସାମନ୍ତରାୟ ସହକର୍ମୀଙ୍କ ସହ ଚଢ଼ାଉ କରିଥିଲେ। ଜବତ ଟ୍ରାକ୍ଟର ଓ କମ୍ପ୍ରେସର ମେଶିନକୁ ଚଢ଼େଇଧରା ବିଟ ହାଉସରେ ରଖାଯାଇଛି। ଜରିମାନା ଆଦାୟ ପରେ ସେଗୁଡ଼ିକୁ ଛଡ଼ାଯିବ ବୋଲି ତହସିଲଦାର କହିଛନ୍ତି ।

### ଲୋକଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ଓଡ଼ଗାଁ,୨।୩(ସ୍ୱ.ପ୍ର.): ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଖାଲି ପଡିଥିବା ନିର୍ବାହୀ ଅଧିକାରୀ ପଦବୀ ୧ ବର୍ଷ ଖାଲି ପଡିଥିଲା । ସେହି ପଦବୀରେ ପ୍ରଥମ କରି ଓଡିଶା ପୌର ପ୍ରଶାସନିକ ସେବା (ଓଏମ୍ଏସ୍)କ୍ୟାଡର ଅଧିକାରୀ ସ୍ୱାତୀ ମିଶ୍ର ସୋମବାର ଯୋଗ ଦେଇଛନ୍ତି। ନିର୍ବାହୀ ଅଧିକାରିଣୀ ମିଶ୍ର କହିଛନ୍ତି, ଲୋକଙ୍କ ସମସ୍ୟା ସମାଧାନ ହେବ । ଏନଏସି ହୋଲଡିଂ ଟ୍ୟାକ୍ସ ସମ୍ପର୍କରେ ସହରବାସୀଙ୍କ ମଧ୍ୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବ ।

### ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍ୟାପିତ

ରସୁଲପୁର,୨।୩(ଡି.ଏନ୍.ଏ.): କୁଆଖିଆ ବଜାରର ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରେ ଆୟୋଜିତ ୭ଦିନିଆ ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମଙ୍ଗଳବାର ସନ୍ଧ୍ୟାରେ ଉଦ୍ୟାପିତ ହୋଇଯାଇଛି। ମେଳାରେ ଯୋଗ ଦେଇଥିବା କାରିଗରଙ୍କୁ ଆଞ୍ଚଳିକ ଶିଳ୍ପ କେନ୍ଦ୍ର କଳିଙ୍ଗନଗର ପକ୍ଷରୁ ପ୍ରମାଣପତ୍ର ଓ ଯାତାୟାତ ବାବଦ ଆର୍ଥ ରାଶି ପ୍ରଦାନ କରାଯାଇଛି। ଆଞ୍ଚଳିକ ଶିଳ୍ପକେନ୍ଦ୍ର କଳିଙ୍ଗନଗରର ସାଧାରଣ ପରିଚାଳକ ବିପିନ ଦେହୁରୀ, ହସ୍ତଶିଳ୍ପ ସହନିର୍ଦ୍ଦେଶକ ପ୍ରଭାତ ମିଶ୍ର, ରମାକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାରିଗରଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।

# ଧାନବସ୍ତା ରଖି ଚାଷୀଙ୍କ ଧାରଣା

ନୟାଗଡ଼ ଅଫିସ,୨।୩

ନୟାଗଡ ଜିଲାରେ ଧାନକିଣା ଟାର୍ଗେଟ ଶେଷ ହୋଇଛି । ଅଥଚ ଚାଷୀ ଧାନ ଧରି ବସିଛି । ଟୋକନ ପାଇଥିଲେ ବି ଚାଷୀମାନେ ଧାନ ବିକ୍ରି କରି ନ ପାରି ହଟହଟା ହେଉଛନ୍ତି। ଏଭଳିସ୍ଥଳେ ମଙ୍ଗଳବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଧାନବସ୍ତା ରଖି ଚାଷୀମାନେ ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଆନ୍ଦୋଳନରତ ଚାଷୀଙ୍କ ସହ ଉପଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ଆଲୋଚନା କରିଥିଲେ। ଏହାପରେ ଚାଷୀମାନେ ଧାରଣା ପ୍ରତ୍ୟାହାର କରିଥିଲେ ମଧ୍ୟ ଏହା ଆନ୍ଦୋଳନକୁ ରୋକାଯାଇ ପାରିବ ନାହିଁ ବୋଲି ଚାଷୀମାନେ କହିଛନ୍ତି। ମାର୍ଚ୍ଚ ୩୧ରେ ଧାନକିଣା ଶେଷ ହେବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି । ହେଲେ ଜିଲା ମଣ୍ଡିରେ ଟାର୍ଗେଟ ଶେଷ ହୋଇଯିବା ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

ଏନେଇ ବାଲୁଗାଁର ଚାଷୀ ରାଧାମୋହନ ସାହୁ କୁହନ୍ତି, ମୋର ୬ ଏକର ଜମି । ୨୫ କୁଇଣ୍ଟାଲ ଧାନ ଅମଳ ହୋଇଛି । ମୋତେ ୧୩ କୁଇଣ୍ଟାଲ ୪୦ କେଜି ଧାନ ମଣ୍ଡିରେ ବିକ୍ରି କରିବାକୁ ଟୋକନ ମିଳିଛି । ତଥାପି ଧାନ ବିକ୍ରି କରି ପାରିନାହିଁ। ଟାର୍ଗେଟ ଶେଷ ଯୋଗୁ ମୋତେ ଧାନ ନେଇ ଫେରିବାକୁ ପଡିଲା।



ଧାନବସ୍ତା ରଖି ଚାଷୀମାନେ ଧାରଣାରେ ବସିଛନ୍ତି ।

- ଟୋକନ ମିଳିଛି, ବିକ୍ରି ହେଉନାହିଁ ଧାନ
- ଟାର୍ଗେଟ ଶେଷ, ଚିନ୍ତାରେ ଚାଷୀ

ଆଉ ଥରେ ଟାର୍ଗେଟ ଆସିବ, ମୁଁ ଧାନ ବିକିବି ସେ ଭରସା ମୋର ନାହିଁ । ଆମ ଅଞ୍ଚଳର ବେପାରୀମାନେ ଜମିର ମାଲିକ ନ ହୋଇ ମଣ୍ଡିରେ ଧାନ ବିକି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି ବୋଲି ସେ କହିଛନ୍ତି। ଭାପୁର ବ୍ଲକ୍ ଚକ୍ରଧରପ୍ରସାଦର ପ୍ରସନ୍ନ ପ୍ରଧାନ କୁହନ୍ତି, ମଣ୍ଡିରେ କଟ୍‌ନୀଛଟ୍‌ନୀ ଚାଲିଛି । ମୁଁ ୭୨ କୁଇଣ୍ଟାଲ ଧାନ ବିକିଛି। ମୋତେ ୬୭ କୁଇଣ୍ଟାଲ ୪୦ କେଜିର ଟଙ୍କା ମିଳିଲା । ଅବଶିଷ୍ଟ ଟଙ୍କା ଦେଲେନାହିଁ । ମୋର ଭଲ ଧାନ । କାହିଁକି କଟନୀଛଟନୀ ହେଲା ତାର ଉତ୍ତର କେହି ଦେଉ ନାହାନ୍ତି। ରଣପୁରର ଜିତେନ୍ଦ୍ର ନାୟକ କୁହନ୍ତି, ୧୯ ଫେବୃୟାରୀରୁ ମୋର ଟୋକନ ଆସିଛି ବୋଲି ମୋବାଇଲ ମେସେଜ୍‌ରୁ ଜାଣିଲି। ହେଲେ ପ୍ୟାକ୍ସ ସମ୍ପାଦକ ମୋତେ ଟୋକନ ଦେଉନାହାନ୍ତି। ଟାର୍ଗେଟ ଶେଷ ହୋଇଛି କହି ମୋ ଧାନ କିଣୁ ନାହାନ୍ତି । ଯଦି ଟାର୍ଗେଟ ଶେଷ ହେଲା, ତେବେ ମୋ ପାଖକୁ ଟୋକନ ପଠାଇବାର କାରଣ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସହସଂଯୋଜକ ରଣଜିତ୍ ଦଳବେହେରା କୁହନ୍ତି, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଆନ୍ଦୋଳନସ୍ଥଳକୁ ଜିଲା ଯୋଗାଣ ଅଧିକାରୀ ଆସି କହିଥିଲେ, ମଣ୍ଡିରେ କଟ୍‌ନୀଛଟ୍‌ନୀ ନେଇ ଅଭିଯୋଗ ନାହିଁ। ଅଭିଯୋଗ ପାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରେ ଉପଜିଲାପାଳଙ୍କ ସହ ଆଲୋଚନା ହେଲା । ଆସନ୍ତା ସୋମବାର ଜିଲା ପ୍ରଶାସନ, ପ୍ୟାକ୍ସ ସମ୍ପାଦକଙ୍କ ସହ ଚାଷୀଙ୍କ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହାର କରାଯାଇଛି ବୋଲି ସେ କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ଜିଲାରେ ୧୩ ଲକ୍ଷ ୬୭ ହଜାର ୬୪୭ କୁଇଣ୍ଟାଲ ଧାନ କିଣା ହେବାକୁ ଟାର୍ଗେଟ ମିଳିଛି । ସେଥିମଧ୍ୟରୁ ୧୩ ଲକ୍ଷ ୧୪ ହଜାର ୩୮୪ କୁଇଣ୍ଟାଲ ଧାନ କିଣା ହୋଇଛି । ଯେଉଁ ପ୍ୟାକ୍ସରେ ଟାର୍ଗେଟ ଶେଷ ହୋଇନି,ସେଠାରେ ଧାନ କିଣା ଚାଲିଛି । ତେବେ କଟ୍‌ନୀଛଟ୍‌ନୀ ନେଇ ଅଭିଯୋଗ ମିଳିନାହିଁ। ୨ଲକ୍ଷ ୨୦ ହଜାର କୁଇଣ୍ଟାଲ ଅଧିକ ଟାର୍ଗେଟ ଦେବା ପାଇଁ ମଙ୍ଗଳବାର ସରକାରଙ୍କୁ ଭିଡିଓ କନ୍‌ଫରେନ୍ସରେ ଅବଗତ କରାଯାଇଛି ବୋଲି ସେ କହିଛନ୍ତି ।

# କ୍ରିକେଟ ଟୁର୍ନାମେଣ୍ଟ: ଦୀଘି ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ରାଜନଗର,୨।୩ (ଡି.ଏନ୍.ଏ.)

ରାଜନଗର ବ୍ଲକ ଖମାରସାହି ପଡିଆଠାରେ ଚାଲିଥିବା ବଜରଙ୍ଗବାଲି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଓକିଲପାଳକୁ ୨୦ ରନରେ ହରାଇ ଦୀଘି ଚାମ୍ପିୟନ ହୋଇଛି। ଦୀଘି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୩୫ ରନ୍ କରିଥିଲା। ଓକିଲପାଳ ଟିମ୍ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ, ଖମାରସାହି ସରପଞ୍ଚ ରତିକାନ୍ତ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଦାସ, ସଦାଶିବ ଦାସ, ବ୍ରଜସୁନ୍ଦର ବେହେରା, କାର୍ତ୍ତିକ ବେହେରା, ଜୟଦେବ ସିଂ, ସତ୍ୟବ୍ରତ ସ୍ୱାଇଁ, ଦିଲୀପ ମଣ୍ଡଳ, ପ୍ରଭାତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ବଜରଙ୍ଗବାଲି କ୍ରିକେଟ କ୍ଲବର ରବୀନ୍ଦ୍ର ସିଂ, କଳ୍ପତରୁ ଦାସ, ସୁଭ୍ରାଂଶୁ ଶେଖର ସ୍ୱାଇଁ, ବସନ୍ତ ଗିରି, ମାନସ ବାରିକ, କୈଳାସ ବାରିକ, ରଂଜନ ଜାନା, ଜନାର୍ଦ୍ଦନ ସିଂ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# 'ଭାଗବତ ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର'



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ନାଉଗାଁ,୨।୩ (ସ୍ୱ.ପ୍ର.)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରୋମ୍ୟୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଦିବ୍ୟ ପ୍ରବଚନ ଜ୍ଞାନଯଜ୍ଞ ଓ ଊନବିଂଶ ସାମ୍ବତ୍ସରିକ ବିଶ୍ୱାଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରାଚୀମଠ ପୁରୀର ବାବା ଦାମୋଦର ଦାସ ମହାରାଜ, ଗୋଠଦା ମଠାଧୀଶ ମହନ୍ତ ଚିନ୍ତାମଣି ପର୍ବତ ଗୋସ୍ୱାମୀ ଓ ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇଥିଲେ। ଭାଗବତ ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର। ଯୁବପିଢି ମାନେ ଭଗବଦ୍ ଚିନ୍ତନ ଓ ପଠନ ଦ୍ୱାରା ସମାଜକୁ ଶୃଙ୍ଖଳିତ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୭ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ପରେ ୧୧ ମାର୍ଚ୍ଚରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ ବୋଲି ଆଶ୍ରମ ସମ୍ପାଦକ ଅକ୍ଷୟ କୁମାର ମିଶ୍ର କହିଛନ୍ତି।

# ବନ୍ଧ ମରାମତି, ବୁରୁଜ ନିର୍ମାଣ ନିମ୍ନମାନର



ନିର୍ମାଣାଧୀନ ନଦୀବନ୍ଧ ରାସ୍ତା ଓ ବୁରୁଜ।

ନାଉଗାଁ,୨।୩(ସ୍ୱ.ପ୍ର.)

- ସୂଚନା ଫଳକରେ ତଥ୍ୟ ନାହିଁ
- ଜଳସମ୍ପଦ ବିଭାଗ ଅଧୀନରେ ୨ ପ୍ରକଳ୍ପ କାର୍ଯ୍ୟ ଚାଲିଛି

ବନ୍ୟା ଦାଉରୁ ଦେବୀ ନଦୀବନ୍ଧ ଓ ପଠାକୁ ସୁରକ୍ଷା ଦେବା ପାଇଁ ନଦୀବନ୍ଧ ମରାମତି କରାଯିବା ସହ ପଥର ବୁରୁଜ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କାମ ନିମ୍ନମାନର ହେଉଥିବା ଯୋଗୁ ବନ୍ଧ ଅବସ୍ଥା ସୁଧୁରିବାର ନାଁ ଧରୁନି। ଅପରପକ୍ଷେ ନିର୍ମାଣସ୍ଥଳରେ ଲଗାଯାଇଥିବା ସୂଚନାଫଳକ ନାମକୁମାତ୍ର ବୋଲି ଅଭିଯୋଗ ହୋଇଛି। ୨୦୨୦ -୨୧ ଆର୍ଥିକ ବର୍ଷରେ ଆଳିପିଙ୍ଗଳ ଜଳସମ୍ପଦ ବିଭାଗ ଅଧୀନ ଗଜରାଜପୁର ପଞ୍ଚାୟତ ଦେବୀଦୋଳସ୍ଥିତ ଦେବୀ ନଦୀରେ ୨ଟି ପ୍ରକଳ୍ପ ନିର୍ମାଣ କରାଯାଉଛି। ଗୋଟିଏ ନଦୀବନ୍ଧ ମରାମତି ହୋଇଥିବା ବେଳେ ଅନ୍ୟଟି ନଦୀ ମଧ୍ୟରେ ବୁରୁଜ ନିର୍ମାଣ କାର୍ଯ୍ୟ। ନଦୀବନ୍ଧ ମରାମତି ପାଇଁ ୧୬ ଲକ୍ଷ ୭ ହଜାର ୪ ଶହ ୪୭ ଟଙ୍କା ବ୍ୟୟବରାଦ କରାଯାଇଛି। କିନ୍ତୁ ଠିକାଦାର ନାମକୁମାତ୍ର କେତେ ଟ୍ରିପ୍ ମାଟି ପକାଇ କାର୍ଯ୍ୟ ଶେଷ କରିବାକୁ ବସିଛନ୍ତି। ଲଗାଯାଇଥିବା ସୂଚନା ଫଳକରେ କେବଳ ଠିକାଦାରଙ୍କ ନାମ ଓ ଅର୍ଥର ପରିମାଣ ଲେଖାଯାଇଛି। ମାତ୍ର ନିର୍ମାଣ ସମ୍ବନ୍ଧୀୟ ଅନ୍ୟ କୌଣସି ସୂଚନା ଏଥିରେ ଦର୍ଶାଯାଇ ନାହିଁ। ସେହିପରି ଦେବୀ ନଦୀରେ ଦେବୀଦୋଳ ସେତୁ ନିକଟ ନଦୀପଠାରେ ବୁରୁଜ ନିର୍ମାଣ କରାଯାଉଛି। ଏଥିପାଇଁ ୧୯ ଲକ୍ଷ ୫୭ ହଜାର ୨୨୪ ଟଙ୍କା ବ୍ୟୟବରାଦ କରାଯାଇଛି। କାର୍ଯ୍ୟ ୧୧ ଡିସେମ୍ବର ୨୦୨୦ରୁ ଆରମ୍ଭ କରାଯାଇ ୧୦ ଜୁନ୍ ୨୦୨୧ରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର କାର୍ଯ୍ୟାଦେଶ ପାଇଥିବା ଠିକାଦାର ବୁରୁଜରେ ନିମ୍ନମାନର ପଥର ପକାଉଛନ୍ତି। କେଉଁ ଆକାରର ପଥର ଏହି କାର୍ଯ୍ୟରେ ବ୍ୟବହାର କରାଯାଉଛି ସେ ସମ୍ପର୍କରେ ସୂଚନାଫଳକରେ କିଛି ଉଲ୍ଲେଖ କରାଯାଇନାହିଁ। ନିମ୍ନମାନର କାର୍ଯ୍ୟ ଯୋଗୁ ବନ୍ୟା ପାଣି ଆସିଲେ ଏସବୁ ପଥରବନ୍ଧ ସୁରକ୍ଷା ଦେବା ପରିବର୍ତ୍ତେ ନଦୀକୁ ଖସିଯିବାର ଆଶଙ୍କା ରହିଛି।

ଏ ବିଷୟରେ ବିଭାଗର ଏସ୍‌ଡିଓ ଫକୀର ଚରଣ ସେଠୀ କହିଛନ୍ତି, ସୂଚନା ଫଳକରେ ଯେତିକି ଦର୍ଶାଯିବା କଥା ତାହା ଦର୍ଶାଯାଇଛି। ବନ୍ଧ ଓ ବୁରୁଜ କାର୍ଯ୍ୟ ଅଟକଳ ଅନୁସାରେ କରାଯାଉଛି।

# ଭୂତଳ ଜଳ ପରିଚାଳନା ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ସିଧାମୂଳା ଗ୍ରାମ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ମଙ୍ଗଳବାର ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଭୂତଳ ଜଳ ପରିଚାଳନାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ବିଜେଡି ସଭାପତି ସୁଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଜଳ ବୋର୍ଡର ବୈଜ୍ଞାନିକ ଡି.ଏନ୍. ମଣ୍ଡଳ , ସଞ୍ଜୟ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୀୟ ଦାଶ ଓ ସାମାଜିକ କର୍ମୀ ଗଙ୍ଗାଧର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଭୂତଳ ଜଳସ୍ତର କ୍ରମଶଃ ହ୍ରାସ ପାଇ ଚାଲିଛି । ସେହି ଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରତି ଦ୍ରୁତ ସହରୀକରଣ ଯୋଗୁ ସବୁଆଡ଼େ କଂକ୍ରିଟ ଜଙ୍ଗଲ ସୃଷ୍ଟି ହୋଇଛି । ଏଥିପାଇଁ ଆଗାମୀ ଦିନରେ ସମଗ୍ର ବିଶ୍ୱରେ ଜଳ ସଙ୍କଟ ସୃଷ୍ଟି ହେବ ବୋଲି କହିଥିଲେ । ଏଥିପାଇଁ ବୃକ୍ଷ ରୋପଣ, ବର୍ଷାଜଳ ସଂରକ୍ଷଣ ସହ ଜଳର ଅପଚୟ ରୋକିବାକୁ ସଚେତନ ହେବାକୁ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ଶିଳ୍ପକେନ୍ଦ୍ର ଅଧିକାରୀ ପି.କେ. ପଣ୍ଡା ପରିଚାଳନା କରିଥିଲେ ।

# ଅନଶନରୁ ଓହରିଲେ ସାମାଜିକ କର୍ମୀ

ନାଉଗାଁ,୨।୩(ସ୍ୱ.ପ୍ର.)

ନାଉଗାଁ ବ୍ଲକର ଜାମୁଗାଁ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ ଦାବି କରି ସାମାଜିକ କର୍ମୀ ଦିଲୀପ ପାଢୀ ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ୧୫ ଦିନ ମଧ୍ୟରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ରଶ୍ମିରେଖା ମଲିକ ଲିଖିତ ପ୍ରତିଶ୍ରୁତି ଦେବା ପରେ ପାଢ଼ୀ ମଙ୍ଗଳବାର ଅପରାହ୍ନରେ ଅନଶନରୁ ଓହରି ଯାଇଛନ୍ତି। ଏହି ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଓ ଫନୀ ବାତ୍ୟାର ଅନୁଦାନ ପାଇଁ କରାଯାଇଥିବା ଦୁର୍ନୀତିର ତଦନ୍ତ ଦାବି କରି ପାଢ଼ୀ ଅନଶନର ବସିଥିଲେ। ଏନେଇ ସେ ୮ ଫେବୃୟାରୀ ୨୦୧୬ରେ ୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓ ମଲିକଙ୍କୁ ପାଢ଼ୀ ପ୍ରଦାନ କରିଥିଲେ।

# ହୋଇ ପାରିଲାନି ଖରାଦିନିଆ ରାସ୍ତା

ବରୀ,୨।୩ (ଡି.ଏନ୍.ଏ)

ଯାଜପୁର ଜିଲାର ଧର୍ମଶାଳା ବ୍ଲକ୍ ଅଧୀନ ଜେନାପୁରଠାରୁ ବରୀ ବ୍ଲକ୍‌ର କାଇପଡ଼ା ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ଉପରେ ପ୍ରତିବର୍ଷ ଖରାଦିନିଆ ରାସ୍ତା ନିର୍ମାଣ ହୋଇଥାଏ। ବିଶେଷକରି ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଡିସେମ୍ବର ୧୫ରୁ ଆରମ୍ଭ ହୋଇ ଜାନୁୟରୀ ୧୫ ମଧ୍ୟରେ ଶେଷହୁଏ। ଜୁନ୍ ୧୪ ପର୍ଯ୍ୟନ୍ତ ଯାତାୟାତ ପାଇଁ ଏହି ରାସ୍ତାର ଅବଧି ଥାଏ। କିନ୍ତୁ ଚଳିତ ବର୍ଷ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। କାମର ଅବଧି ସରିଥିଲେ ହେଁ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଫଳରେ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବ୍ରାହ୍ମଣୀ ନଦୀ ଉପରେ କଳାମାଟିଆ, ରଜାତୋଟା, ବାଲିକାଣ୍ଠିଆ, ମେଣ୍ଟ, ମାଟିଆପଡ଼ାଠାରେ ସାଧାରଣ ଲୋକଙ୍କ ଯାତାୟାତ ନିମନ୍ତେ ଖରାଦିନିଆ ରାସ୍ତା ନିର୍ମାଣ ହୋଇଥାଏ। ଏଥିରେ ସେରପୁର, ମହାକାଳପଡ଼ା, ରତ୍ନଗିରି, ଧାରପୁର, ସାହୁପଡ଼ା, ବାଲିଆ ସମେତ ୧୩ ପଞ୍ଚାୟତର ଜନସାଧାରଣ ବରୀ-ରାମଚନ୍ଦ୍ରପୁର ଥାନା, ଜିଲାର ସରକାରୀ କାର୍ଯ୍ୟାଳୟ, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ, କାଦମ୍ବିନିପାଳ ମହିଳା ମହାବିଦ୍ୟାଳୟ ଓ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାତାୟାତ ନିମନ୍ତେ ସହାୟକ ହୋଇଥାଏ। ମାତ୍ର ଚଳିତ ବର୍ଷ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ନହେବା ଯୋଗୁ ଉପରୋକ୍ତ ପଞ୍ଚାୟତର ଜନସାଧାରଣ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାତାୟାତ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରକାଶ ପାଣିଙ୍କୁ ପଚାରିବାରେ ସେ କହିଛନ୍ତି, ଚଳିତ ବର୍ଷ ଖରାଦିନିଆ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ତରଫରୁ କୌଣସି ଅର୍ଥ ବ୍ୟୟ ବରାଦ କରାଯାଇନାହିଁ। ତେଣୁ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ।



ନଦୀରେ ଖରାଦିନିଆ ରାସ୍ତା ନିର୍ମାଣ ହୋଇନାହିଁ।

# ବିନା ଜମି ଅଧିଗ୍ରହଣରେ ରେଳ ଷ୍ଟେଶନ

ନୟାଗଡ଼ ଅଫିସ,୨।୩

- ୨୨୫ ଚାଷୀ ପାଇନାହାନ୍ତି କ୍ଷତିପୂରଣ
- ବେଞ୍ଚ ମାର୍କ ଭାଲ୍ୟୁଏଶନକୁ ନେଇ ପ୍ରତିବାଦ
- ସମସ୍ୟାର ସମାଧାନ ନ ହେଲେ ଆତ୍ମହତ୍ୟା ଧମକ

ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ନୟାଗଡ଼ ଜିଲା ନୂଆଗାଁ ତହସିଲ ଅଧୀନ ମହୀପୁର ରେଳଷ୍ଟେଶନ କାମ ବିନା ଜମି ଅଧିଗ୍ରହଣରେ ଚାଲିଛି। ଏଥିପାଇଁ ଖୁଣ୍ଟୁବନ୍ଧ, ଭିରୁଡା, ମହୀପୁର ବସଷ୍ଟାଣ୍ଡ, ନୀଳାଦ୍ରିପୁର ଅଞ୍ଚଳର ୨୨୫ ଜଣ ଚାଷୀ ୩୩ ଏକର ୩୫ ଡେସିମିଲ ଜମି ହରାଉଛନ୍ତି । ହେଲେ ସେମାନଙ୍କୁ ପୁରୁଣା ବେଞ୍ଚମାର୍କ ଭାଲ୍ୟୁଏଶନରେ କ୍ଷତିପୂରଣ ରାଶି ଦିଆଯିବ କହି ପ୍ରତାରଣା କରାଯାଇଛି। ଜମି ହରାଉଥିବା ଚାଷୀମାନେ ଏହାର ପ୍ରତିବାଦ କଲେ ମଧ ରେଲୱେ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ କିଛି ଶୁଣୁନାହାନ୍ତି । ଫଳରେ କ୍ଷତିଗ୍ରସ୍ତ ଚାଷୀମାନେ ଆତ୍ମହତ୍ୟା କରିବାକୁ ଧମକ ଦେଇଛନ୍ତି ।

ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥର ସଂଯୋଗୀକରଣ ପ୍ରକଳ୍ପ ପାଇଁ ନୂଆଗାଁ ତହସିଲର ଭିରୁଡା ଓ ଖୁଣ୍ଟୁବନ୍ଧଠାରେ ମହୀପୁର ରେଳଷ୍ଟେଶନ ନିର୍ମାଣ ଚାଲିଛି । ଏଥିପାଇଁ ୩୩ ଏକର ୮୫୫ ଡେସିମିଲ ବ୍ୟକ୍ତିଗତ ମାଲିକାନାଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷ ପ୍ରସ୍ତାବ ଦେଇଥିଲେ । ଠିକ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ଧାରା ୪ ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ ହୋଇଥିଲା। ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସର୍ବେକ୍ଷଣ ପରେ ବଡ଼ଗୋଠ ଠାରେ ଜନଶୁଣାଣି ହୋଇଥିଲା। ହେଲେ ୨ୟ ପର୍ଯ୍ୟାୟ ଜନ ଶୁଣାଣି ହୋଇ ନ ଥିଲା। ଜମି ଅଧିଗ୍ରହଣ ଶେଷ ନ କରି ମହୀପୁର ରେଳ ଷ୍ଟେଶନ କାର୍ଯ୍ୟ ଚାଲୁ ରହିଛି ବୋଲି ଅଭିଯୋଗ ହୋଇଛି। ଏନେଇ ଭିରୁଡା ଗ୍ରାମ୍ୟ କମିଟି ସଭାପତି ମହେଶ୍ୱର ସ୍ୱାଇଁ କୁହନ୍ତି, ମହିପୁର ଷ୍ଟେଶନର ୨ୟ ପର୍ଯ୍ୟାୟ କାମକୁ ଆମେ ବିରୋଧ କରୁ ନାହୁଁ। ତେବେ ଯେଉଁମାନେ ଜମି ହରାଉଛନ୍ତି ସେମାନଙ୍କୁ ନୂଆ ବେଞ୍ଚମାର୍କ ଭାଲ୍ୟୁଏଶନ ୨୦୨୦-୨୧ ଅନୁସାରେ କ୍ଷତିପୂରଣ ରାଶି ଦିଆଯାଉ ନ ଥିବାରୁ ଅସନ୍ତୋଷ ଓ ପ୍ରତିବାଦ ଉଠିଛି । ଏନେଇ ଆମେ ଜିଲାପାଳ, ଆରଡିସି, ଲ୍ୟାଣ୍ଡ ଆକ୍ୱିଜିଶନ ଅଫିସର, ନୂଆଗାଁ ତହସିଲଦାର, ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କୁ ସ୍ମାରକପତ୍ର ଦେଇ ନିଜର ଅସନ୍ତୋଷ ବ୍ୟକ୍ତ କରି ନ୍ୟାୟ ମାଗିଛୁ। ହେଲେ ଆମ ଅଭିଯୋଗକୁ କେହି ଶୁଣୁ ନାହାନ୍ତି। ଆମକୁ କ୍ଷତିପୂରଣ ନ ଦେଇ ଜୋର ଜବରଦସ୍ତ ଷ୍ଟେଶନ କାମ ଚାଲୁ ରଖିଛନ୍ତି। ଆମ ଜମିର ମୁଗ ଫସଲକୁ ପୋତି ଦେଉଛନ୍ତି। ଆମେ କିପରି ଜମି ହରାଇ ନୀରବ ରହିବୁ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ନୀଳାଦ୍ରିପୁରର ହଲିମ ଖାଁ କୁହନ୍ତି, ଆମ ଜମିକୁ ଆମେ ବିକ୍ରି କରି ପାରୁନାହୁଁ। ଜିଲା ପ୍ରଶାସନ ରୋକ ଲଗାଇଛି । ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଜମି ୧ ଡେସିମିଲକୁ ୩ ଲକ୍ଷ ଟଙ୍କାରେ ବିକ୍ରି ହେଉଛି। ତେବେ ରେଳବାଇ ଆମକୁ ଡେସିମିଲ ୨୦ ହଜାର ଟଙ୍କା ଦେବ ବୋଲି ଶୁଣିବାକୁ ପାଉଛୁ। ଟିକିଏ ଭିତରକୁ ହେଲେ ଡେସିମିଲି ୬ ହଜାର ୧ ଶହ ଟଙ୍କା ଦେବ ବୋଲି କହୁଛି। ଶାଗମାଛ ଦରରେ ଆମ ଜମିକୁ କିପରି ରେଲୱେକୁ ଦେବୁ । ଏନେଇ ପ୍ରଶାସନ ଓ ସରକାରଙ୍କୁ ଅବଗତ କଲେ ସୁଫଳ ମିଳୁ ନ ଥିବାରୁ ଟ୍ରେନ ଚକା ତଳେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଛୁ ବୋଲି କହିଛନ୍ତି। ଖୁଣ୍ଟୁବନ୍ଧର ଆନନ୍ଦ ଚନ୍ଦ୍ର ସାହୁ କୁହନ୍ତି, ୨୦୨୦-୨୧ ବେଞ୍ଚମାର୍କ ଭାଲ୍ୟୁଏଶନ ଅନୁସାରେ କ୍ଷତିପୂରଣ ଦେଲେ ବିରୋଧ ହେବନି। ହେଲେ ପ୍ରଶାସନ କେଉଁ ବେଞ୍ଚମାର୍କ ଭାଲ୍ୟୁଏଶନରେ କ୍ଷତିପୂରଣ ଦେବ କହୁନି। କ୍ଷତିପୂରଣ ନ ଦେଇ ଷ୍ଟେଶନ କାର୍ଯ୍ୟ ଆରମ୍ଭ କରିବା କେତେଦୂର ଠିକ୍। ଜିଲା ପ୍ରଶାସନ ଓ ସରକାର କ୍ଷତିଗ୍ରସ୍ତ ଜମି ମାଲିକଙ୍କ ସମସ୍ୟାକୁ ଅନୁଧ୍ୟାନ କରି ତୁରନ୍ତ ଏହାର ସମାଧାନ କରିବା ଦରକାର ବୋଲି ସେ କହିଛନ୍ତି ।

ଜମି ହରାଇଥିବା ଚାଷୀଙ୍କ ଅଭିଯୋଗ ଉପରେ ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ମହୀପୁର ରେଳ ଷ୍ଟେଶନରେ ଏକ ପରିବାରର ଅଧିକାଂଶ ଜମି ଯାଉଛି। ସଂପୃକ୍ତ ପରିବାରକୁ ବାରମ୍ବାର ନୋଟିସ୍ କରାଯାଉଥିଲେ ହେଁ କେହି ଆସୁନାହାନ୍ତି। ଅଧିଗ୍ରହଣ ବାବଦକୁ ଟଙ୍କା ନେଉ ନାହାନ୍ତି। ପାରିବାରିକ କଳହରୁ ସେମାନେ ଆସୁ ନ ଥିବା ଜଣାପଡିଛି। ଏଣୁ ସରକାରୀ ନିୟମ ଅନୁସାରେ ମହୀପୁର ରେଳଷ୍ଟେଶନ କାମ ଆରମ୍ଭ ହୋଇଛି । ଯେଉଁମାନେ କ୍ଷତିପୂରଣ ଦାବି କରୁଛନ୍ତି, ସେମାନେ ଆବଶ୍ୟକ କାଗଜପତ୍ର ଦାଖଲ କରି ପାରୁନାହାନ୍ତି। କାଗଜପତ୍ର ନ ଥିଲେ କ୍ଷତିପୂରଣ ରାଶି କିପରି ଦିଆଯିବ ବୋଲି ସେ କହିଛନ୍ତି ।



ନିର୍ମାଣାଧୀନ ମହୀପୁର ରେଳଷ୍ଟେଶନକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି ।

## ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

**ଧର୍ମଶାଳା, (ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ଅଚ୍ୟୁତପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ବାଇକ ଜାଳି ଦେଇଥିବା ଅଭିଯୋଗ ହୋଇଛି। ସେ ହେଲେ ଅଚ୍ୟୁତପୁର ଗ୍ରାମର ରାମଚନ୍ଦ୍ର ସାହୁଙ୍କ ପୁଅ ନିର୍ମଳ ସାହୁ। ନିର୍ମଳ ନିଜର ପଲସର ବାଇକକୁ ରାତିରେ ଘର ବାରଣ୍ଡାରେ ରଖି ଶୋଇଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଶବ୍ଦ ହେବାରୁ ଘର ଲୋକେ ଉଠି ବାଇକ ଜଳୁଥିବା ଦେଖିଥିଲେ। ଏହି ସମୟରେ ଅନତି ଦୂରରେ ଏକ ସ୍କୁଟରରେ ଦୁଇ ଦୁର୍ବୃତ୍ତ ପଳାଉଥିବା ମଧ ଦେଖିଥିଲେ। ପରେ ସେମାନେ ପାଣି ଢାଳି ନିଆଁକୁ ଆୟତ୍ତ କରିଥିଲେ ହେଁ ବାଇକର ଅଧିକାଂଶ ଅଂଶ ପୋଡି ଯାଇଥିଲା। ଏନେଇ ନିର୍ମଳ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

**ନୟାଗଡ଼**
- ରାଜ୍ୟସ୍ତରୀୟ ନାଟ୍ୟମେଳାର ୩ୟ ଦିବସରେ ନାଟକ 'ବାଉଁଶ ଠେଙ୍ଗାରେ ସ୍ୱାଧୀନତା' ସ୍ଥାନ- ପଠାଣି ସାମନ୍ତ ଅଡିଟୋରିୟମ, ସମୟ- ସନ୍ଧ୍ୟା ୭ଟା

**କେନ୍ଦ୍ରାପଡ଼ା**
- ପ୍ରୟାସ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ଗୋଲଡେନ କ୍ଲବ, ଇନ୍ଦୁପୁର, କେନ୍ଦ୍ରାପଡ଼ା, ପୂର୍ବାହ୍ନ ୯ଟା।

**ଧର୍ମଶାଳା**
- ଅଷ୍ଟପ୍ରହରୀ ନାମଯଜ୍ଞ, କଣିପାଟିଆ, ଅଷ୍ଟପ୍ରହରୀ ମଣ୍ଡପ।

## ସଂକ୍ଷେପରେ

### ବାଣିଜ୍ୟ ମେଳା ଉଦ୍‌ଘାଟିତ

**ଯାଜପୁର ଟାଉନ,୨।୩(ଡି.ଏନ.ଏ.):** ଯାଜପୁର ସହର ବାଳାଶ୍ରମ ପଡ଼ିଆଠାରେ ବାଣିଜ୍ୟମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯାଜପୁର ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଭାରତ ହାଣ୍ଡଲୁମ୍ ଓ ହାଣ୍ଡିକ୍ରାଫ୍ଟର ମୁଖ୍ୟ ପ୍ରଦେଶ କୁମାର ସ୍ୱାଇଁଙ୍କ ଆୟୋଜନରେ ଯାଜପୁର ସହରରେ ଏହି ମେଳା ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦୈନିକ ସକାଳ ୧୦ରୁ ରାତି ୯ଟା ପର୍ଯ୍ୟନ୍ତ ମେଳା ହେବ। ମେଳାରେ ବିଭିନ୍ନ ଜିଲାର ହସ୍ତତନ୍ତ ସାମଗ୍ରୀ, ସମ୍ବଲପୁରୀ ଲୁଗା, ରୋଷେଇ ମସଲା, ଘର ଉପକରଣ ସାମଗ୍ରୀର ମୋଟ୍ ୫୦ ଷ୍ଟଲ୍ ବ୍ୟବସ୍ଥା ହୋଇଛି। ସମସ୍ତ ଜନସାଧାରଣ କୋଭିଡ୍ କଟକଣା ମାନି ମେଳା ବୁଲିବାକୁ ଆୟୋଜକଙ୍କ ପକ୍ଷରୁ ନିବେଦନ କରାଯାଇଛି। କାର୍ଯ୍ୟକ୍ରମରେ ସିପନ କୁମାର ମହାପାତ୍ର ଓ ଗିରିଧାରୀ ଲେଙ୍କା ପ୍ରମୁଖଙ୍କ ସହ ବହୁ ସଦସ୍ୟ ସହଯୋଗ କରୁଛନ୍ତି।

### ବାଲି ଗାଡ଼ି ଅଟକାଇବାରୁ ମହିଳା ଆରଆଇଙ୍କୁ ଧମକ

**ଯାଜପୁର ରୋଡ,୨।୩(ଡି.ଏନ.ଏ.)-** ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣକୁ ରୋକିବାକୁ ଯାଇଥିବା ଜଣେ ମହିଳା ଆରଆଇଙ୍କୁ ଧମକ ଦିଆଯାଇଛି। ଏନେଇ ଅଭିଯୋଗ କଲେ ପୂର୍ବରୁ ମାଫିଆଙ୍କ ସହ ଥିବା କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଉକ୍ତ ଘଟଣାକୁ ରଫାଦଫା କରି ଚପାଇ ଦେଉଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟାରେ ବ୍ୟାସନଗର ତହସିଲ ଅନ୍ତର୍ଗତ ଛୋଟରାୟପୁର ଗ୍ରାମ ନିକଟରେ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇବାରୁ ବଡବିରୁଆଁ ମହିଳା ରାଜସ୍ୱ ନିରୀକ୍ଷକ(ଆରଆଇ) ସୋନାଲି ସସ୍ମିତା ସାହୁଙ୍କୁ ଅଭିଯୁକ୍ତ ଲୋକନାଥ ସ୍ୱାଇଁ ଦୁର୍ବ୍ୟବହାର କରିଥିଲେ। ଏପରି କି ଆରଆଇ ସାହୁଙ୍କ ମୋବାଇଲକୁ ତଳେ ପକାଇ ଦେବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଏନେଇ ଆରଆଇ ସାହୁ ବ୍ୟାସନଗର ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପାଣିକୋଇଲି ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ଚକ୍ରପତି କହଁର ପ୍ରକାଶ କରିଛନ୍ତି।

### ହିନ୍ଦୁଧର୍ମ ପ୍ରତି ଅଶାଳୀନ ମନ୍ତବ୍ୟକୁ ବିରୋଧ

**ପାଣିକୋଇଲି ଥାନାରେ ଅଭିଯୋଗ**

**ପାଣିକୋଇଲି, ୨।୩(ଡି.ଏନ.ଏ.)-** ହିନ୍ଦୁ ଧର୍ମ, ପୁରାଣ ଶାସ୍ତ୍ର ଓ ଦେବାଦେବୀଙ୍କୁ ସାମାଜିକ ଗଣମାଧମରେ କଦର୍ଥ କରି ଟିପ୍ପଣୀ କରାଯାଉଛି। ସେହି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମଙ୍ଗଳବାର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପାଣିକୋଇଲି ଥାନାରେ ଅଭିଯୋଗ କରାଯାଇଛି। ଏଭଳି ନକରାତ୍ମକ ଲେଖା ସମାଜରେ ଅଶାନ୍ତିର ବିଷ ମଞ୍ଜି ବୁଣି ଚାଲିଛି। ସେହି କାର୍ଯ୍ୟକୁ ରୋକା ନ ଗଲେ ଅସନ୍ତୋଷ ସମଗ୍ର ରାଜ୍ୟକୁ ବ୍ୟାପିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ବଜରଙ୍ଗ ଦଳ ଜିଲା ସଂଯୋଜକ ରାଜ କିଶୋର ସାହୁ, ବିଶ୍ୱହିନ୍ଦୁ ପରିଷଦର ପ୍ରଜ୍ଞା ଘଡେଇ, ଭୂପତି ଭୂଷଣ ଦାଶ, ପ୍ରହଲ୍ଲାଦ ପ୍ରହରାଜ, ପ୍ରଦୀପ କୁମାର ମଲିକ, ପ୍ରତାପ ମହାପାତ୍ର, ବିଷ୍ଣୁ ଚରଣ ସାହୁ, ଦେବୀ ପ୍ରସାଦ ସାହୁ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି।

# ବାଲି ପାଇଁ କାଟିଦେଲେ ନଦୀବନ୍ଧ

**ଯାଜପୁର ଅଫିସ/ଯାଜପୁରସଦର (ଡି.ଏନ.ଏ.),୨।୩**


କଟାଯାଇଥିବା ନଦୀବନ୍ଧ।

ବନ୍ୟା ପ୍ରବଣ ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତର କଳସପୁର ଓ ମାଧପୁର ଗ୍ରାମକୁ ସୁରକ୍ଷା ଦେଉଥିବା ଖରସ୍ରୋତା ନଦୀବନ୍ଧକୁ ବାଲି ଉଠାଇବା ଲାଗି କାଟି ଦିଆଯାଇଛି। ସଂପୃକ୍ତ ଲିଜ୍‌ଧାରୀମାନେ ନିଜର ସ୍ୱାର୍ଥ ପାଇଁ ଗ୍ରାମବାସୀଙ୍କ ଜୀବନଜୀବିକାକୁ ଅଣଦେଖା କରିଥିବା ଗ୍ରାମବାସୀ ଜଳସେଚନ ବିଭାଗର ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ବନ୍ୟା ନିୟନ୍ତ୍ରଣ ଖରସ୍ରୋତା ନଦୀବନ୍ଧ ଦୁର୍ବଳ ଅବସ୍ଥାରେ ରହିଛି। ବନ୍ଧକୁ କାଟି ଆହୁରି ଦୁର୍ବଳ କରି ଦିଆଯାଇଛି। ଗତବର୍ଷ ପ୍ରଳୟଙ୍କରୀ ବନ୍ୟାରେ ଏହି ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଥିଲା। ପ୍ରଶାସନ ପକ୍ଷରୁ ଦିନରାତି ବାଲିବସ୍ତା ପକାଇ ଗ୍ରାମବାସୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। କଳସପୁର ବାଲି ନିଲାମ ଘାଟକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଥମେ ବିରୋଧ କରାଯାଇଥିଲା। ଯେହେତୁ ସେଠାରେ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟର ଏକମାତ୍ର ଖେଳ ପଡିଆ ରହି ଥିବାରୁ ଗ୍ରାମବାସୀ ବିରୋଧ କରିଥିଲେ। ହେଲେ ନିଲାମଧାରୀ କୌଣସି କଥା ନ ଶୁଣି ପୁନର୍ବାର ବନ୍ଧକୁ କାଟି ଦେଇଥିବାରୁ ଉଭୟ ମାଧପୁର ଓ କଳସପୁର ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏହାସହ ବାଲିଘାଟ ନିଲାମ ପୂର୍ବରୁ ଜଳସେଚନ ବିଭାଗ ସହ କୌଣସି ଯୁଗ୍ମ ତଦନ୍ତ କରାଯାଇ ନାହିଁ। ଲଘୁଖଣିଜ ଦ୍ରବ୍ୟର ଚୋରାଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ(ପିଟିଏମଏମଇଏ) ଆଇନ ଅନୁସାରେ ବାଲି ଉତ୍ସ ଚିହ୍ନଟ କରିବାକୁ ଜଳ ସମ୍ପଦ ବିଭାଗର ଯନ୍ତ୍ରୀ ଓ ସଂପୃକ୍ତ ତହସିଲଦାର ଯୁଗ୍ମ ଭାବେ ପଦକ୍ଷେପ ଗ୍ରହଣ କରିବା କଥା। ଲଘୁଖଣିଜ ଦ୍ରବ୍ୟର ଚୋରାଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ(ପିଟିଏମଏମଇଏ) ଆଇନ ଅନୁସାରେ ବାଲି ଉତ୍ସ ଚିହ୍ନଟ କରିବାକୁ ଜଳ ସମ୍ପଦ ବିଭାଗର ସହନିର୍ବାହୀ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀ ଓ ସଂପୃକ୍ତ ତହସିଲଦାର ଯୁଗ୍ମ ଭାବେ ପଦକ୍ଷେପ ଗ୍ରହଣ କରିବେ। କିନ୍ତୁ କଳସପୁରର ବାଲିଘାଟ ନିଲାମ ସମୟରେ ଏଭଳି ତଦନ୍ତ ହୋଇ ନାହିଁ। ଏହି ଆଇନରେ ଯଦି କେହି ଲିଜଧାରୀ ଆଇନକୁ ଉଲ୍ଲଂଘନ କରୁଛନ୍ତି ତେବେ ତାଙ୍କ ବିରୋଧରେ (ଏମଏମଡିଆର)ମାଇନ୍ସ ଆଣ୍ଡ ମିନେରାଲ୍ସ(ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଆକ୍ଟ-୧୯୫୭ ଅନୁସାରେ ଦଣ୍ଡିତ କରାଯାଇ ପାରିବ। ବାଲି ଖାଦାନ ଯୋଗୁ ଯଦି କୌଣସି ନଦୀବନ୍ଧ କ୍ଷତି ହେଉଥିବା ଜଣାପଡିବ ତେବେ ସଂପୃକ୍ତ ଲିଜ୍‌କୁ ରଦ୍ଦ କରାଯିବ। ବେଆଇନ ବାଲି ଖାଦାନରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରପାତି, ଯାନବାହାନ ଆଦିକୁ ରାଜସ୍ୱ ଓ ପୋଲିସ ପ୍ରଶାସନ ଜବତ ହେବ। ସଂପୃକ୍ତ ଲୋକଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇ ପାରିବ। ଏହି ଯୋଜନାରେ ଏଭଳି ଅନେକ ଆଇନ ରହିଥିଲେ ହେଁ ଯାଜପୁର ଜିଲାରେ ତାହା ନିରର୍ଥକ ହୋଇଛି।

# ପୋଲିସ ତଦନ୍ତକୁ ଭରସା ଅଛି

**ରସୁଲପୁର,୨।୩(ଡି.ଏନ.ଏ.)**

**ମତ ବଦଳାଇଲେ ଝରାଫୁଲଙ୍କ ବାପା**

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଝରାଫୁଲ ନାୟକଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ୩୫ଦିନ ବିତି ସାରିଲାଣି। ମାତ୍ର ଏଯାଏ ପୋଲିସ ତଦନ୍ତ ବେଶି ଆଗେଇ ପାରିନାହିଁ। ପୋଲିସ ତଦନ୍ତ ପ୍ରକ୍ରିୟାକୁ ନେଇ ଛାତ୍ରୀଙ୍କ ବାପା ରମାକାନ୍ତ ଅସନ୍ତୋଷବ୍ୟକ୍ତ କରିଥିଲେ। ପୋଲିସ ତଦନ୍ତକୁ ଭରସା ନାହିଁ ବୋଲି କହିଥିଲେ। କିନ୍ତୁ ମଙ୍ଗଳବାର କୁଆଖିଆ ଥାନା ପୋଲିସ ଓ ତଦନ୍ତ ଅଧିକାରୀଙ୍କ ସହ ରମାକାନ୍ତଙ୍କ ଭେଟ ହେବା ପରେ ତାଙ୍କ ମନ୍ତବ୍ୟ ବଦଳିଯାଇଥିଲା। ସେ ଏଥର ପୋଲିସ ତଦନ୍ତକୁ ନେଇ ଭରସା ଜୁଟାଇଛନ୍ତି। ସେ କହିଛନ୍ତି, ଆଗରୁ ଅନ୍ଧାରରେ ଥିଲେ। ଏବେ ପୋଲିସଠାରୁ ପାଇଥିବା ସୂଚନା ତାଙ୍କୁ ସନ୍ତୁଷ୍ଟ କରିଛି। ତଦନ୍ତ ଠିକ ବାଟରେ ପରିଚାଳିତ ହେଉଛି। ପୋଲିସ ତାଙ୍କୁ ତଦନ୍ତର ଅଗ୍ରଗତି ନେଇ ରଖିଥିବା ତଥ୍ୟରେ ସେ ଖୁସି ଅଛନ୍ତି। ପୋଲିସ ତଦନ୍ତ ଉପରେ ତାଙ୍କର ଭରସା ଅଛି। ଦୋଷୀଙ୍କୁ କଠୋର ଦଣ୍ଡ ମିଳିବ ବୋଲି ସେ ଆଶାବାଦୀ ଅଛନ୍ତି। ତେବେ ତଦନ୍ତରେ ବାଧା ନ ପହଞ୍ଚୁ ବୋଲି ସେ ଚାହାନ୍ତି। ପୋଲିସ ସହ ତାଙ୍କର ଯେଉଁ ବାର୍ତ୍ତାଳାପ ହୋଇଛି ସେ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବାକୁ ମନା କରିଥିଲେ। ଦୀର୍ଘଦିନ ବ୍ୟବଧାନ ପରେ ପୋଲିସ ଡକରାରେ ରମାକାନ୍ତ ଥାନାରେ ପହଞ୍ଚିଥିଲେ। ତଦନ୍ତ ଅଧିକାରୀଙ୍କ ଦ୍ୱାରା ଝରାଫୁଲ ଭାଇଙ୍କ ମୋବାଇଲ ପୋଲିସ ହେପାଜତରେ ରହିଥିଲା। ସେହି ମୋବାଇଲକୁ ପୋଲିସ ରମାକାନ୍ତଙ୍କୁ ଫେରାଇ ଦେଇଛି। ତେବେ ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ପାଇଁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଜାନୁୟାରୀ ୨୭ରେ ଝରାଫୁଲଙ୍କ ମୃତଦେହ କୁଆଖିଆ ଥାନା ଅଧୀନ ଦିଆଲଖଣ୍ଡି ରାସ୍ତା କଡ଼ରୁ ପୋଲିସ ଜବତ କରିଥିଲା। ଛାତ୍ରୀଙ୍କ ପୁରୁଷ ବନ୍ଧୁ ରାକେଶ ସ୍ୱାଇଁ ଓ ତାଙ୍କ ସମ୍ପର୍କୀୟ ଶକ୍ତିପ୍ରସାଦ ସ୍ୱାଇଁ ସ୍କୁଟିରେ ଭୁବନେଶ୍ୱରରୁ ଝରାଫୁଲଙ୍କ ମୃତଦେହ ଆଣି ଏଠାରେ ଫୋପାଡ଼ି ଦେଇଥିଲେ।

# ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



ନିର୍ମାଣ ଶ୍ରମିକ ସଙ୍ଗଠନ ପକ୍ଷରୁ ଗଣଧାରଣା ଦିଆଯାଇଛି।

**ଯାଜପୁର ରୋଡ, ୨।୩ (ଡି.ଏନ.ଏ.)**

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନ୍‌ଟିୟୁସି) ସହବନ୍ଧିତ ସମସ୍ତ ନିର୍ମାଣ ଶ୍ରମିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଯାଜପୁର ଜିଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଇଏନ୍‌ଟିୟୁସିର ଜିଲା ସମ୍ପାଦକ ନୃସିଂହ ଚରଣ ପହିଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ବିଦ୍ୟାଧର ମହାନ୍ତି, ସହ ସମ୍ପାଦକ ପରମାନନ୍ଦ ସେଠୀ, ଚନ୍ଦ୍ରକାନ୍ତ ଖଣ୍ଡାଇ, ବିଜୟ କୁମାର ବୋଇତାଇ, ମାଧବ ମହାପାତ୍ର, ଜଗବନ୍ଧୁ ନାୟକ, ପଦ୍ମନାଭ ନାୟକ, ରବୀନ୍ଦ୍ର ଥାନଦାର, ସେକ୍ ଆତାର ଉଦ୍ଦିନ ଅହମ୍ମଦ, ଜେମାମଣି କୁଅଁର, ଅଭିମନ୍ୟୁ ପାତ୍ର, ମୁନେଶ୍ୱର ନାୟକ, ଲକ୍ଷ୍ମୀଧର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ୪୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଗଣ ଅନଶନ କରିବାକୁ ଚେତାବନୀ ଦିଆଯାଇଥିଲା। ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଓ ଗ୍ରାମାଞ୍ଚଳ ଶ୍ରମ ନିରୀକ୍ଷକ ସଞ୍ଜିତ କୁମାର ଦେଓଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ନୟାଗଡ଼ ଅଫିସ,୨।୩**

ନୟାଗଡ଼ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖା ଆହ୍ୱାନ କ୍ରମେ ନୟାଗଡ଼ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ନିର୍ମାଣ ଶ୍ରମିକମାନେ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଜିଲାରେ ୩୦ ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ରେ ନାମ ପଞ୍ଜିକରଣ ପାଇଁ ଦରଖାସ୍ତ କରିଥିଲେ ମଧ ବିଭିନ୍ନ ଆଳ ଦେଖାଇ ପଞ୍ଜିକରଣ କରାଯାଉନାହିଁ। ସହାୟତା ପାଇବା ପାଇଁ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କ ନାମକୁ ନବୀକରଣ କରାଯାଉ ନାହିଁ। ମୃତ୍ୟୁକାଳୀନ ସହାୟତା, ପ୍ରସୂତୀକାଳିନ ସହାୟତା, ଶିକ୍ଷା, ବାସଗୃହ ସହାୟତା ପ୍ରଦାନରେ ବିଳମ୍ବ କରା ନ ଯାଉ। କୋଭିଡ-୧୯ ଯୋଗୁ ଜିଲାର ପଞ୍ଜିକୃତ ଶ୍ରମିକମାନେ ୧୫୦୦ ଟଙ୍କା କୋଭିଡ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସମସ୍ତ ଶ୍ରମିକଙ୍କୁ ସେହି ଟଙ୍କା ପ୍ରଦାନ କରାଯାଉ। ଏଥି ସହିତ ଅନ୍ୟାନ୍ୟ ଦାବି ସଂକ୍ରାନ୍ତରେ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଆନ୍ଦୋଳନରେ ଜିଲା ସଭାପତି ସତ୍ୟବ୍ରତ ନାୟକ, ନୟାଗଡ଼ ଜିଲା ଯୁବ ଆଇଏନ୍‌ଟିୟୁସି କାର୍ଯ୍ୟକାରୀ ସଭାପତି ମିର୍ ଅବୁବେକର ସିଦିକ୍, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ, ହୁସେନ ଖାଁ, ସୁନ୍ଦରଗଡ଼ ରାଜ୍ୟ ଯୁବ ଆଇଏନ୍‌ଟିୟୁସି ଉପସଭାପତି ଅଜୟ କୁମାର ପାଇକରାୟ ପ୍ରମୁଖ ଯୋଗ ଦେଇ ସରକାରଙ୍କୁ ସମାଲୋଚନା କରିଥିଲେ।

# ଦୀପୁଙ୍କ ଚିକିତ୍ସା ଆରମ୍ଭ ହେଲା

**କଳିଙ୍ଗନଗର,୨।୩ (ଡି.ଏନ.ଏ.)**

**ଜିଲାପାଳଙ୍କ ନିର୍ଦ୍ଦେଶ ପରେ ତତ୍ପରତା**

**'ଧରିତ୍ରୀ' ପ୍ରଭାବ**

ଯାଜପୁର ଜିଲା ଦାନଗଦୀ ବ୍ଲକ ଶଳିଜଙ୍ଘା ପଞ୍ଚାୟତ ଦେହୁରିସାହିର ଅନିଆ ଲେଙ୍କାଙ୍କ ପୁଅ ଦୀପୁ(୧୫)ଙ୍କ ଉଚ୍ଚତର ଚିକିତ୍ସା ଆରମ୍ଭ ହୋଇଛି। ମଙ୍ଗଳବାର ଟାଟା ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଛି। ୧।୩।୨୦୨୧ ତାରିଖ ଧରିତ୍ରୀରେ ପେଟ ଯନ୍ତ୍ରଣାରେ ଛଟପଟ ଦୀପୁ ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ତତ୍ପରତା ପ୍ରକାଶ କରିଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ର ଏକ ଡାକ୍ତରୀ ଦଳ ଦେହୁରୀସାହିରେ ପହଞ୍ଚି ଦୀପୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଏପରି ପଦକ୍ଷେପ ନିଆଯାଇଛି। ଖବର ପାଇ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ଏଥିରେ ହସ୍ତକ୍ଷେପ କରିଥିଲେ। ଜୟନ୍ତ ରାଉତ, ଚିନ୍ତାମଣୀ ନାୟକ, ସଞ୍ଜୟ ମହନ୍ତ, ରାକେଶ କୁମାର ରାଉତ, ବିଶ୍ୱଜିତ ଦାସ ଓ ସୁଧାଂଶୁ ନାୟକଙ୍କ ଉପସ୍ଥିତିରେ ଦୀପୁଙ୍କୁ ଟାଟା ମେଡିକାଲରେ ଭର୍ତ୍ତିକରାଯାଇଛି। ଆବଶ୍ୟକ ପରୀକ୍ଷା ପରେ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଦୀପୁ ଅଷ୍ଟମ ଶ୍ରେଣୀର ଛାତ୍ର ଥିବା ସମୟରେ ତାଙ୍କ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ହେଲେ ଆର୍ଥିକ ଅନଟନ ଯୋଗୁ ତାଙ୍କ ଚିକିତ୍ସା ହୋଇ ପାରି ନ ଥିଲା। ଏବେ ତାଙ୍କ ପେଟରେ ପାଣି ଜମି ନାଭି ଫୁଲି ଯାଇଛି। ଏଥିପାଇଁ ଦୀପଙ୍କ ପାଠପଢା ବନ୍ଦ ରହିଛି। ସେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏକଥା ଜାଣିବା ପରେ ସ୍ଥାନୀୟ ଶିଶୁ ସୁରକ୍ଷା ମଞ୍ଚ ଓ କ୍ଲବ ଦି ୟୁଥ ମାସ୍ଟର ସଭ୍ୟମାନେ ଦୀପଙ୍କୁ ସାକ୍ଷାତ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ଧର୍ମଶାଳା,୨।୩ (ଡି.ଏନ.ଏ.)**


ଗ୍ରାମବାସୀ ରାସ୍ତା ଅବରୋଧ କରି ପ୍ରତିବାଦ କରୁଛନ୍ତି।

**ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ**

ଧର୍ମଶାଳା ତହସିଲ ଅଧୀନ ବରଡ଼ା ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ଧୂଳିଧୂଆଁରେ ଗ୍ରାମବାସୀ ଅତିଷ୍ଠ ହୋଇ ପଡ଼ିଲେଣି। ଏନେଇ ତହସିଲ ପ୍ରଶାସନକୁ ଅଭିଯୋଗ କରି ବିଫଳ ହେବାରୁ ମଙ୍ଗଳବାର ସେମାନେ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା କଳାପଥର ଖାଦାନ ଓ କ୍ରଶରଗୁଡ଼ିକକୁ ଚଳାଚଳ କରୁଥିବା ଗାଡ଼ିରୁ ଧୂଳି ଉଡ଼ି ପ୍ରଦୂଷଣ ସୃଷ୍ଟି ହେବା ସହ ରାସ୍ତାରେ ଗର୍ତ୍ତସୃଷ୍ଟି ହୋଇ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସକାଳ ୬ଟାରୁ ବରଡ଼ା ଛକରେ ରାସ୍ତା ଅବରୋଧ କରାଯାଇଥିଲା। ରାସ୍ତା ଦେଇ ଗାଡି ଛାଡିବେ ନାହିଁ ବୋଲି ଗ୍ରାମବାସୀ ଜିଦ ଧରି ବସିରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହିଥିଲା। ଖବର ପାଇ ଧର୍ମଶାଳା ତହସିଲଦାର ପ୍ରଶାନ୍ତ ସାମନ୍ତରାୟ ଓ ଜେନାପୁର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରତ୍ୟେକ ଦିନ ଏହି ରାସ୍ତାରେ ସକାଳେ ଓ ସନ୍ଧ୍ୟାରେ ଟ୍ୟାଙ୍କର ଯୋଗେ ପାଣି ପକାଯିବା ପାଇଁ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# ଦେବେଶ୍ୱର ମନ୍ଦିର ବାର୍ଷିକୋତ୍ସବ


କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି।

**ଯାଜପୁର ଅଫିସ,୨।୩**

ବ୍ୟାସନଗର ସହର ମହତାବନଗରସ୍ଥିତ ଶ୍ରୀଶ୍ରୀଦେବେଶ୍ୱର ମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ଟ୍ରଷ୍ଟ କମିଟିର ସଭାପତି ଡା.ପ୍ରସନ୍ନ କୁମାର ସାହୁ ଓ ସମ୍ପାଦକ ଜମ୍ବୁନାଥ ସାମଲଙ୍କ ତତ୍ତ୍ୱାବଧାନରେ କଳସ ସ୍ଥାପନ, ରୁଦ୍ରାଭିଷେକ ଆଦି ଉପଚାର କରାଯାଇଥିଲା। ଭଜନ ସନ୍ଧ୍ୟାରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମୀନତି ମଲ୍ଲ ଓ ସାଥି ଭଜନ ପରିବେଷଣ କରିଥିଲେ। ଚଗଲୁ ପାଣିଗ୍ରାହୀ, କେଶବ ଚନ୍ଦ୍ର ପଣ୍ଡା, ସରୋଜ ତ୍ରିପାଠୀ ପ୍ରମୁଖ ପୂଜାର୍ଚ୍ଚନା ସମ୍ପାଦନ କରିଥିଲେ। ହେମନ୍ତ କୁମାର ଦାସ, ସତ୍ୟଜିତ ଶତପଥୀ, ମୁରଲୀଧର ସାମଲ, ଲଳିତା ପତି, ଭାଗିରଥି ଆଚାର୍ଯ୍ୟ, ଉର୍ମିଳା ସାମଲ, ପ୍ରଶାନ୍ତ କୁମାର ସାହୁ, ଚୈତନ୍ୟ ଚରଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନୂତନ ଜାଗା ଅଧିଗ୍ରହଣ ହେବ ନାହିଁ

**ପାରାଦୀପ,୨।୩(ସ୍ୱ.ପ୍ର.)**



ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ ଦାସ ଅଭିଯୋଗ ଶୁଣାଣି କରୁଛନ୍ତି।

**ପ୍ରସ୍ତାବିତ ପିଏକ୍ସ-ପିଟିଏ ପ୍ରକଳ୍ପ ପାଇଁ ଜନଶୁଣାଣି**

ଭାରତୀୟ ତୈଳନିଗମର ପାରାଦୀପ ରିଫାଇନାରି ପରିସରରେ ପିଏକ୍ସ-ପିଟିଏ (ପାରାକ୍ସାଇଲିନ୍ ଏବଂ ପ୍ୟୁରିଫାଏଡ ଟେରେଫଥାଲିକ୍ ଏସିଡ୍) ନାମରେ ଆଉ ଏକ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। ଏ ନେଇ ମଙ୍ଗଳବାର ପାରାଦୀପର ମଧୁବନସ୍ଥିତ ପୌରପାଳିକା କଲ୍ୟାଣମଣ୍ଡପରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୭ଜଣ ବ୍ୟକ୍ତି ମତ ରଖିଥିଲେ। ସେଥିରୁ ଅର୍ଦ୍ଧାଧିକ ପ୍ରକଳ୍ପକୁ ବିରୋଧ କରିଥିଲେ। ଏହି ଜନଶୁଣାଣି ପାଇଁ ପୂର୍ବରୁ ପ୍ରଚାରପ୍ରସାର ଠିକ୍ ଭାବେ କରାଯାଇ ନ ଥିବାରୁ ହାତଗଣତି ଲୋକ ଭାଗ ନେଇଥବା ଅଭିଯୋଗ ହୋଇଛି। ନୂତନ ପ୍ରକଳ୍ପ ପାଇଁ ୧୧,୭୮୩ କୋଟିଟଙ୍କା ଖର୍ଚ୍ଚ ହେବ। ଏଥିରେ ସ୍ଥାୟୀ ଓ ଚୁକ୍ତିଭିତ୍ତିକ ଶ୍ରମିକ ମିଶି ସମୁଦାୟ ୧୯୨୨ ଜଣ ନିଯୁକ୍ତି ପାଇବେ ବୋଲି କୁହାଯାଇଛି। ଏଥିପାଇଁ କୌଣସି ନୂତନ ଜାଗା ଅଧିଗ୍ରହଣ ହେବ ନାହିଁ। ଏହି ପ୍ରକଳ୍ପ ପାଇଁ ସିଏସଆର (କର୍ପୋରେଟ ସାମାଜିକ ଦାୟିତ୍ୱ) ବାବଦରେ ୧୪.୭ କୋଟିଟଙ୍କା ଖର୍ଚ୍ଚ ହେବ। ପ୍ରକଳ୍ପରୁ ଉତ୍ପାଦିତ ପ୍ଲାଷ୍ଟିକ, ପଲିମର, ଫାଇବର, ୟାର୍ନ ଆଦି ସାମଗ୍ରୀ ଉତ୍ପାଦନ ହେବ। ବାର୍ଷିକ ୧.୨ ନିୟୁତ ମେଟ୍ରିକ ଟନ୍ ସାମଗ୍ରୀ ଉତ୍ପାଦନ କରାଯାଇ ଓଡ଼ିଶାର ଟେକ୍ସଟାଇଲ ପାର୍କ ଓ ଅନ୍ୟ ଉଦ୍ୟୋଗ ପାଇଁ କାମରେ ଲାଗିବ। ଏନେଇ ଆୟୋଜିତ ଜନଶୁଣାଣିରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ ଦାସ ଅଧକ୍ଷତା କରିଥିଲେ। ଜନଶୁଣାଣି ଶେଷରେ ଅତିରିକ୍ତ ଜିଲାପାଳ ଧୀର କହିଥିଲେ, ପ୍ରକଳ୍ପ ପାଇଁ ଲୋକଙ୍କ ସହମତି ରହିଛି। ଏଠାରେ ଆଲୋଚନା ହୋଇଥିବା ସମସ୍ୟା ସମ୍ପର୍କରେ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସମାଧାନ କରିବାକୁ ଚେଷ୍ଟା କରିବ। ତୈଳ ବିଶୋଧନାଗାର ସିଜେଏମ(ଏଚ.ଆର) ଏ.କେ.ଭାଗବତ କହିଥିଲେ, ଜନଶୁଣାଣିରେ ଆସିଥିବା ଅଭିଯୋଗଗୁଡ଼ିକୁ ପ୍ରାଥମିକତା ଆଧାରରେ ସମାଧାନ କରାଯିବ। ଜନଶୁଣାଣିରେ ଲୋକଙ୍କ ନଗଣ୍ୟ ଉପସ୍ଥାନ ସମ୍ପର୍କରେ ଆଞ୍ଚଳିକ ଅଧିକାରୀ ଦାସ କହିଛନ୍ତି, ଏହି ଜନଶୁଣାଣି ପାଇଁ ମାସେ ପୂର୍ବରୁ ଗଣମାଧମରେ ବିଜ୍ଞାପନ ଦିଆଯାଇଥିଲା। ଏଥିସହ ୨ ଦିନ ହେଲା ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି। ତେବେ କୋଭିଡ୍ ପାଇଁ ସ୍ୱଳ୍ପ ଲୋକରେ ଏହାକୁ ଆୟୋଜନ କରାଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel.06766-258301 (O), Email ID: se_nerwkjr@rediffmail.com
"e" Procurement Notice for Road Works
Identification No. Road Online NCB No.291
No.O-1167:-
No.858 Date:24.02.2021

1. Name of the work: Road work under DMF in the District of Keonjhar. 2. No. of works: 01 (One) No. 3. Estimated cost: As per Annexure in NIT. 4. Class of contractor (Eligible): As per Annexure in NIT. 5. Period of completion : As per Annexure in NIT. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.291 | Dt.04.03.21 at 11.00 A.M. | Dt.18.03.21 upto 5.00 P.M. | Dt.17.03.21 upto 5.00 P.M. | Dt.19.03.21 at 11.30 A.M. | Will be intimated later |

Further details can be seen from the website: www.tendersorissa.gov.in
OIPR-25048/11/0019/2021 Sd./- P.K. Misra, Superintending Engineer, N.E.R.W. Circle, Keonjhar

GOVERNMENT OF ODISHA
OFFICE OF THE SUPERINTENDING ENGINEER
SOUTHERN CIRCLE, RURAL WORKS, SUNABEDA
email: serwsbd2003@yahoo.com
No.O-1169:- E-Procurement Notice for Road & Bridge works

1. Name of the work : 1) Improvement to Badairukubadi to AP Border Via Kanchamuhi Kopadanga under Inter District Inter Block connectivity (01 No.)
2) Construction of Road from Killar to Dumbaguda Road under DMF (01 No.)
2 Class of contractor : 'B', 'A', Special Class of (Odisha PWD) or relevant class of other licencing authority.
3 Estimated cost : Varies from Rs.132.19 lakhs to Rs.443.20 lakhs (Approximately)
4 Details projects as per Annexure attached :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD-Online-10/2020-21 | 04.03.2021 at 11.00 A.M. | 18.03.2021 upto 5.30 P.M. | 17.03.2021 upto 2.00 P.M. | 19.03.2021 at 11.00 A.M. | To be intimated separetely |

5. The details of NON PMGSY works can be seen from the website https://www.tendersodisha.gov.in
6. Any corrigendum/addendum will be displayed in the above e-tender websites.
OIPR-25045/11/0010/2021 Superintending Engineer, Southern Circle, RW, Sunabeda

